ISSN: 2456-9194, Vol. I, Issue. I, 2017

CPHFS

# ପ୍ରତ୍ୟୟ

(Journal of Odia Language, Culture and Science)

# ଭାରତୀୟ ସାହିତ୍ୟରେ ମାନବାତ୍ମାର ସୌନ୍ଦର୍ଯ୍ୟ

ମଣୀନ୍ଦ୍ର କୁମାର ମେହେର

ଆସୋସିଏଟ୍ ପ୍ରଫେସର,ସ୍ନାତକୋର ଓଡ଼ିଆ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,ଭୁବନେଶ୍ୱର – ୭୫୧୦୦୪

manindrasu@gmail.com

***ସଂକ୍ଷିପ୍ତ ପରିଚୟ*** *-ମଣିଷର ସ୍ୱରୂପ ମହତ୍ । ତା'ର ଅନ୍ତଃସତ୍ତା ସୁନ୍ଦର ଓ ଶିବମୟ । ମଣିଷର ହୀନତା ଏକ କୁତ୍ସିତ ଖୋଳପା । ତା' ଭିତରେ ଲୁଚି ରହିଥିବା ମଣିଷଟିକୁ ଜାଗ୍ରତ କରିବା ହିଁ କବିର କର୍ମ । ମଣିଷ ହୃଦୟରେ ସୁପ୍ତ ଅବସ୍ଥାରେ ହିଁ ରହିଥିବା ଉତ୍ତମ ଗୁଣକୁ  କବି ହିଁ ଜାଗ୍ରତ କରାଇଦିଏ । ହୃଦୟର ଅନାବିଳ ଭକ୍ତିଭାବ କବିତାକୁ ଅପୂର୍ବ ଜୀବନୀଶକ୍ତି ପ୍ରଦାନ କରିଥାଏ । ମଙ୍ଗଳମୟ ଚେତନା ସହ ଯୁକ୍ତ ହେବାର ଆକାଂକ୍ଷା କବିଙ୍କ କବିତାରେ କେବଳ ନୁହେଁ, ତାଙ୍କ ଗଦ୍ୟକୃତିରେ ମଧ୍ୟ ପରିପ୍ରକାଶିତ ହୋଇଥାଏ ।*

***ପ୍ରମୁଖଶବ୍ଦାବଳୀ-(Keywords)-*** *ମାନବିକ ଆଦର୍ଶ, ହୃଦୟର ଅନାବିଳ ଭକ୍ତିଭାବ, ମାନବୀୟ ଅନ୍ତଃସତ୍ତା, ମାନବୀୟ ଜୀବନର ସୌନ୍ଦର୍ଯ୍ୟ*

## I. ଉପକ୍ରମ:

ଭାରତୀୟ ସାହିତ୍ୟରେ ସତ୍ୟ, ଶିବ ଓ ସୁନ୍ଦରର ପ୍ରତିଷ୍ଠା ପାଇଁ ସୁଗଭୀର ବ୍ୟାକୁଳତା ପ୍ରକାଶ ପାଇଛି ତାହା ସମଗ୍ର ବିଶ୍ୱ ସାହିତ୍ୟରେ ଦୁର୍ଲଭ । ସମଗ୍ର ପୃଥିବୀର କଲ୍ୟାଣ ପାଇଁ ବୈଦିକ ଋଷିର ହୃଦୟରୁ ସ୍ୱତଃସ୍ଫୁର୍ତ୍ତ ଭାବରେ ଝରି ଆସୁଥିଲା ଶାନ୍ତି ପ୍ରୀତି ଓ ମୈତ୍ରୀର ଶକ୍ତିଶାଳୀ ମନ୍ତ୍ର । ଋଗ୍‌ବେଦ ସମେତ ଚରିବେଦରେ ଶାଶ୍ୱତ ଚେତନାର ବିକାଶ ଓ ପ୍ରଜ୍ଞାର ମହମ ପ୍ରକାଶ ମିଣଷକୁ ଅନ୍ତର୍ମୁଖୀ ହେବାପାଇଁ ଅଭ୍ରାନ୍ତ ପ୍ରେରଣା ଦେଇଥାଏ । ମହତ୍ ଜୀବନର ପ୍ରତିଶ୍ରୁତିରେ ଏହା ଦୀପ୍ତ ଓ ଆଲୋକସ୍ନାତ । ମନୁଷ୍ୟର ଆକୃତି ନେଇ ଜନ୍ମ ହୋଇଗଲେ କେବଳ, କେହି ମନୁଷ୍ୟ ହୋଇଯାଏନା । ଉଚ୍ଚକୋଟୀର ମାନବ ହେବାପାଇଁ ବୈଦିକ ଋଷି ମଣିଷକୁ ଉଦ୍ବୋଧିତ କରି କହିଛନ୍ତି, "ମନୁର୍ଭବ ଜନୟା ଦୈବ୍ୟଂ ଜନମ୍" । (୧) ସୁଯୋଗ୍ୟ ମନୁଷ୍ୟ ହୋଇ ଦିବ୍ୟ ଭାବାପନ୍ନ ଦେବ ସନ୍ତାନ ସୃଷ୍ଟି ପାଇଁ ମଣିଷ ଭିତରେ ମହର ଆକାଂକ୍ଷା ଭରି ଦେଇଛନ୍ତି ବୈଦିକ ଋଷିବୃନ୍ଦ । ସାରା ପୃଥିବୀକୁ ସ୍ନେହ ଚକ୍ଷୁରେ ଦେଖିବା ପାଇଁ ହୃଦୟ ଭିତରେ ଭରି ଦେଇଛନ୍ତି ବିଶୁଦ୍ଧ ମମତା ।

## II. ମାନବାତ୍ମାର ସୌନ୍ଦର୍ଯ୍ୟ:

ବେଦର ସାଙ୍କେତିକ ପ୍ରକାଶକୁ ପ୍ରାଞ୍ଜଳ ଅଭିବ୍ୟକ୍ତି ଦେବା ଦିଗରେ ଉପନିଷଦମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆତ୍ମାର ଆଲୋକକୁ ଫୁଟାଇ ଉଠାଇବାରେ, ପରମାତ୍ମା ସହ ଆତ୍ମାର ନିବିଡ଼ ସମ୍ବନ୍ଧ ଯୋଡ଼ିଦେବାରେ, ବିଶ୍ୱଚେତନା ସହ ମଣିଷକୁ ସଂଯୁକ୍ତ କରିଦେବାରେ ବା ମଣିଷର ଉଜ୍ଜ୍ୱଳ ଭବିଷ୍ୟତର ସଂକେତ ଦେବାରେ ଉପନିଷଦ ସମୂହ ପ୍ରେରଣାର ଅସରନ୍ତି ଉତ୍ସ । ଅତୀତର ମହାନ ଋଷିମାନଙ୍କ ସହ ଆନ୍ତରିକ ସମ୍ବନ୍ଧ ଯୋଡ଼ିଦେବା ସଂଗେ ସଂଗେ ଜିଜ୍ଞାସା, ସାହାସ, କର୍ତ୍ତବ୍ୟନିଷ୍ଠା, ସମର୍ପଣ ଓ ସହନଶୀଳତାର ଆଲୋକରେ ଦୀପ୍ତିଶାଳୀ ନଚିକେତା, ଭରତ, ଆରୁଣୀ

ଭଳି ମହତ୍ ଚରିତ୍ର ସୃଷ୍ଟି କରି ମାନବାତ୍ମାକୁ ସ୍ୱଜନସ୍ପନ୍ଦିତ କରି ରଖିଛି ତାହା । ଘନକୃଷ୍ଣ ମେଘମାଳା ମଧ୍ୟରେ ବିଜୁଳୀର କ୍ଷଣିକ ଚମକ ପରି ଅନ୍ଧାକାରଚ୍ଛନ୍ନ ମନକୁ ଅଳ୍ପକାଳ ପାଇଁ କେବଳ ଉଦ୍ଭାସିତ କରିଦେବା ତା'ର ଲକ୍ଷ୍ୟ ନୁହେଁ । ଶ୍ରୀ ଅରବିନ୍ଦଙ୍କ ଭାଷାରେ କହିଲେ;"ତାହା ସେମିତି ପ୍ରକାରର ଜ୍ଞାନ ନୁହେଁ, ଯାହାର ଜ୍ୟୋତିରେ ମନ ଟିକିଏ ଭାସ୍ୱର ହୋଇଉଠେ କିନ୍ତୁ ତାହା ଜୀବନରେ ଅଭିବ୍ୟକ୍ତ ହୁଏ ନାହିଁ, ଆତ୍ମାକୁ ଉର୍ଦ୍ଧ୍ୱଗାମୀ କରାଏ ନାହିଁ, ତାହା ଏଭଳି ଏକ ଜ୍ଞାନ ଯହିଁରେ ଜାଗିଉଠେ । ପ୍ରବଳ ଉତ୍ସାହ ଓ ଅନୁରାଗ, ଯହିଁରେ ଅନ୍ତର ହୋଇଉଠେ ଆହୁରି ଜ୍ୟୋତିର୍ମୟ ବୋଧିଦୀପ୍ତ ପ୍ରେରଣାର ଆଲେକରେ ।"(୨)

ରାମାୟଣ ଓ ମହାଭାରତ ମହାକାବ୍ୟ ଦ୍ୱୟ ମାନବିକ ଆଦର୍ଶର ସାର୍ଥକ, ଉଦାର ଓ ମହିମୋଜ୍ଜ୍ୱଳ ପ୍ରକାଶ । ମଣିଷ ଜୀବନର ସାର୍ଥକତାର ଗୁଢ଼ ରହସ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ଏଠାରେ ଉନ୍ମୁକ୍ତ । ପିତାପୁତ୍ର ପତିପତ୍ନୀ, ରାଜାପ୍ରଜା ଓ ମିତ୍ରର ସୁଗଭୀର ସମ୍ବନ୍ଧ ତ୍ୟାଗର ପବିତ୍ର ଅଗ୍ନିରେ ହିଁ ଜ୍ୟୋତିର୍ମୟ ହୋଇଉଠେ ଏଇ ଅନ୍ତର୍ନିହିତ ସତ୍ୟ । ଏହା ଶକ୍ତିଶାଳୀ ଭାବେ ପ୍ରତ୍ୟେକ ଚରିତ୍ରରେ ପ୍ରକଟିତ । ରାମଚନ୍ଦ୍ର ଓ ସୀତାଙ୍କ ପ୍ରେମ ସଂପର୍କରେ ନିବିଡ଼ତା, ରାମଲକ୍ଷ୍ମଣ ଭରତ ଶତ୍ରୁଘ୍ନଙ୍କ ଭ୍ରାତୃପ୍ରେମର ମହାନତା, ଦଶରଥ କୌଶଲ୍ୟାଙ୍କ ବାତ୍ସଲ୍ୟ ମମତା, ରାମଚନ୍ଦ୍ର ଓ ସୁଗ୍ରୀବଙ୍କ ଘନିଷ୍ଠ ମିତ୍ରତା ତଥା ରାମଚନ୍ଦ୍ର ଓ ହନୁମାନଙ୍କ ମଧ୍ୟରେ ଥିବା ଗୁରୁ ଓ ଭକ୍ତର ଦିବ୍ୟ ଆକର୍ଷଣ ଅନ୍ତରାତ୍ମାର ଯେଉଁ ସୌନ୍ଦର୍ଯ୍ୟକୁ ଅଙ୍କନ କରିଛି ତାହାର ମହତ୍ତ୍ୱ ପ୍ରକୃତରେ ଅକଳନୀୟ । ବିଶ୍ୱକବି ରବୀନ୍ଦ୍ରନାଥ ସେଥିପାଇଁ ବିହ୍ୱଳ କଣ୍ଠରେ ସ୍ୱୀକାର କରିଥିଲେ, "ରାମାୟଣରେ ମନୁଷ୍ୟ ନିଜ ଗୁଣରେ ହିଁ ଦେବତା ସ୍ତରରୁ ଉନ୍ନୀତ ହୋଇଛି । ମନୁଷ୍ୟର ଏଇ ଚରମ ଆଦର୍ଶ ସ୍ଥାପନ ନିମିତ୍ତ ଭାରତର କବି ମହାକାବ୍ୟ ରଚନା କରିଅଛନ୍ତି... ।"(୩) ରାମାୟଣ ପରି ମହାଭାରତ ସରଳରେଖାରେ ଗତିକରି ନାହିଁ ସତ୍ୟ; କିନ୍ତୁ ମାନବିକ ଆଦର୍ଶର ମହାନତା ତା'ର ପ୍ରତିପୃଷ୍ଠାରେ ପ୍ରତିଫଳିତ । ଭୀଷ୍ମଦେବଙ୍କ ବୀରତ୍ୱ ଓ ବିଜ୍ଞତା, କର୍ଣ୍ଣଙ୍କ ଆତ୍ମବିଶ୍ୱାସ ଓ ପ୍ରତିଜ୍ଞାବଦ୍ଧତା, ବିଦୂରଙ୍କ ସ୍ପଷ୍ଟବାଦିତା ଓ ଶାନ୍ତିପ୍ରିୟତା, ଗାନ୍ଧାରୀଙ୍କ ପତିପରାୟଣତା ଓ ନ୍ୟାୟନିଷ୍ଠତା, କୁନ୍ତୀଙ୍କ ତେଜସ୍ୱୀତା ଓ ସ୍ନେହଶୀଳତା, ଯୁଧିଷ୍ଠିରଙ୍କ ସାଧୁତା ଓ ସ୍ଥିତପ୍ରଜ୍ଞତା, ଅର୍ଜୁନଙ୍କ ବୀରତ୍ୱ, ସାରଲ୍ୟ ଓ ଅକପଟ ବନ୍ଧୁତା, ଦ୍ରୌପଦୀଙ୍କ ଓଜସ୍ୱିତା ଓ ସ୍ପଷ୍ଟବାଦିତା ପୁଣି ସମଗ୍ର ମହାଭାରତକୁ ଆକାଶ ପରି ଆଚ୍ଛନ୍ନ କରି ରହିଥିବା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଅଲୌକିକ ପ୍ରଜ୍ଞା ଓ ପୌରୁଷ ମାନବୀୟ ଭାବାଦର୍ଶର ଯେଉଁ ଆଲୋକ ବିଚ୍ଛୁରଣ କରିଛି ତାହା ସମଗ୍ର ବିଶ୍ୱ ସାହିତ୍ୟରେ ଦୁର୍ଲଭ । ସକଳ ସଂଘର୍ଷର ମୂଳକାରଣ ଯେ ମଣିଷର ଅହଂକାର ପ୍ରମତ୍ତତା ଓ ଅପରିଣାମଦର୍ଶିତା ଏକଥା ପ୍ରତିପାଦିତ ହୋଇଯାଏ ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି ପ୍ରଭୃତିଙ୍କ ଚରିତ୍ର ଚିତ୍ରଣ ଦ୍ୱାରା । ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ମହାଭାରତ କାହାଣୀ ନିଜସ୍ୱ ଭାଷାରେ ଉପସ୍ଥାପନ କଲାବେଳେ ତାଙ୍କର ଦୃଢ଼ ବିଶ୍ୱାସ, ତେଣୁ ବ୍ୟକ୍ତ କରି କହିଥିଲେ, 'ଈର୍ଷା ଦ୍ୱେଷ ଓ କ୍ରୋଧର ଅଧୀନ ହୋଇ ଜୀବନଯାପନ କରିବା ଉଚିତ୍ ନୁହେଁ । ମହାଭାରତ ଛଡ଼ା ଅନ୍ୟ କୌଣସି ଗ୍ରନ୍ଥ ଏପରି ଶିକ୍ଷାଦାନ କରିପାରେ ନାହିଁ ।" (୪)

ରାମାୟଣ ଓ ମହାଭାରତ ଉଭୟ ମହାକାବ୍ୟ ଏକ ଏକ ଅତ୍ୟାଶ୍ଚର୍ଯ୍ୟ ସୃଷ୍ଟି। ଯେଉଁଠାରେ ଜୀବନର ଅନନ୍ୟ ମହିମା ଓ ମଣିଷ ଚରିତ୍ରର ସ୍ୱର୍ଗୀୟ ସୁଷମା କବିର ପ୍ରାଣସ୍ପନ୍ଦନ ସହ ମିଶ୍ରିତ ହୋଇ ଅପୂର୍ବ ସ୍ୱରରେ ଝଙ୍କୃତ ହୋଇଉଠିଛି । ମଣିଷ ଜୀବନର ଯାବତୀୟ ମନ୍ଦ ସବୁକୁ ଯେଉଁ ଶିଳ୍ପୀମାନେ ଚିତ୍ରଣ କରିଛନ୍ତି ସେମାନେ ପ୍ରକୃତରେ ମଣିଷ ଜୀବନର ସାଧୁତାଙ୍କୁ ପ୍ରତିପାଦନ କରିବା ପାଇଁ ହିଁ ଏପରି କହିଛନ୍ତି । ସାଧୁତା ଅପେକ୍ଷା ସଇତାନିର ଚିତ୍ର ଅପେକ୍ଷାକୃତ ଅଧିକ ଏଇଥିପାଇଁ । ବିଶ୍ୱ ବିଖ୍ୟାତ କଥାଶିଳ୍ପୀ ଦସ୍ତୋଭସ୍କି ଜୀବନର ପାପ-ପଙ୍କରୁ ଓହ୍ଲେଇ ଯାଇନଥିଲେ ପଦ୍ମ ତୋଳି ଆଣିଦେଇ ପାରିନଥାନ୍ତେ ବୋଲି ଅନୁଭବ କରିଥିବା ଅତି ଗୁରୁତ୍ୱପୂର୍ଣ୍ଣ । ମହାଭାତରରେ ଶକୁନି ଓ ଦୁର୍ଯ୍ୟୋଧନଙ୍କ ଚରିତ୍ର ଚିତ୍ରଣ ଏହି ଭାବରେ ହିଁ ପ୍ରେଯାଜିତ ।

ଧର୍ମପଦ, ଜାତକଗଳ୍ପ, ପତନ୍ତ୍ର ପ୍ରଭୃତିରେ ମନୁଷ୍ୟ ଜୀବନକୁ ସରଳ, ଅକପଟ ଓ ଉଦାର କରିବାର ଯେଉଁ ବାର୍ତ୍ତା ପ୍ରକାଶିତ ହୋଇଛି ତାହା ବହୁ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ପାଲି ଧର୍ମପଦରେ ନମ୍ରତା, ସତ୍ୟଶୀଳତା, ନିର୍ଲୋଭତା ଆଦି ସୁଗୁଣ ମଣିଷକୁ କିପରି ଜୀବନର ପ୍ରକୃତ ଲକ୍ଷ୍ୟର ନିକଟବର୍ତ୍ତୀ କରାଏ ତାହା ସୁସ୍ପଷ୍ଟ ଭାବେ ଉପଲବ୍ଧି କରିହୁଏ । କଠୋରତା, କ୍ରୋଧ ଓ ଔଦ୍ଧତ୍ୟ କିପରି ଦୁଃଖଦାୟକ ତାହା ସୂଚାଇ ଦେଇ ଜୀବନକୁ ମଙ୍ଗଳାଭିମୁଖୀ କରିଛି ଧର୍ମପଦର ବିଭିନ୍ନ ପଦ ।" (୫) ଗୌତମ ବୁଦ୍ଧ ଥିଲେ ଜାତିସ୍ମର, ସେଥିପାଇଁ ତାଙ୍କୁ କୁହାଯାଉଥିଲା 'ଅଭିସମ୍ବୁଦ୍ଧ' । ଶତ ଶତ ବାର ପଶୁପକ୍ଷୀ ଓ ମନୁଷ୍ୟ ଭାବରେ ଜନ୍ମନେଇ ସେ ଅନ୍ୟମାନଙ୍କୁ ଅଜ୍ଞାନତା, ଅହଂକାର ଓ ଆତ୍ମପ୍ରତାରଣାରୁ ମୁକ୍ତ କରିବାର ଯେଉଁ ପ୍ରଯତ୍ନ କରିଛନ୍ତି ଓ ନାନା ଅଭିଜ୍ଞତାରେ ଆପଣା ଅନ୍ତଃସତ୍ତାକୁ ସମୃଦ୍ଧ କରିଛନ୍ତି ତାହାର ପ୍ରାଣସ୍ପର୍ଶୀ କାହାଣୀ ହେଉଛି ଜାତକଗଳ୍ପ । ତିନି ଦୁଷ୍ଟ ରାଜପୁତ୍ରଙ୍କୁ ଶିଷ୍ଟ ପୁତ୍ରରେ ପରିଣତ କରିବାର ଆନ୍ତରିକ ପ୍ରୟାସରୁ ବିଷ୍ଣୁ ଶର୍ମାଙ୍କ 'ପଞ୍ଚତନ୍ତ୍ର'ର ସୃଷ୍ଟି ସମ୍ଭବ ହୋଇଥିଲା, ଯେଉଁଠି ନୈତିକତାପୂର୍ଣ୍ଣ ଜୀବନଯାପନର ସନ୍ଦେଶ ଅତ୍ୟନ୍ତ ସୁଲଭ ।

ସଂସ୍କୃତ କବି କାଳିଦାସ, ଭବଭୂତି, ଭର୍ତ୍ତୃହରି, ଜୟଦେବ ପ୍ରଭୃତିଙ୍କ କାବ୍ୟକୃତିରେ ମହନୀୟ ଭାବାବେଗର ସ୍ରୋତ ଅବିରାମ ଗତିରେ ପ୍ରବାହିତ । କାଳିଦାସଙ୍କ 'ରଘୁବଂଶମ୍'ରେ ରଘୁବଂଶର ଗୌରବମୟ ତ୍ୟାଗପୂତ ଜୀବନଗାଥା ଯେପରି ବର୍ଣ୍ଣିତ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମ ପ୍ରସଙ୍ଗର ଗଭୀରତା ସେପରି ହୃଦ୍ୟ ଓ ପ୍ରାଣସ୍ପର୍ଶୀ । କାଳିଦାସଙ୍କ ଶକୁନ୍ତଳା କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀରେ ସରଳ, ପବିତ୍ର, ନିଷ୍କଳୁଷ ମହନୀୟ ପ୍ରେମର ଆଦର୍ଶ ପ୍ରତିମା ଭାବରେ ଉଚ୍ଛ୍ୱସିତ ଆବେଗରେ ସମ୍ମାନିତା । ଜର୍ମାନ୍ କବି ଗେଟେ ନିଜ ଆତ୍ମାର ମଞ୍ଜୁଳ ଭାଷାରେ ସେ ନାଟକର ମାହାତ୍ମ୍ୟ ବର୍ଣ୍ଣନା କରି କହିଛନ୍ତି "କେହି ଯଦି ତରୁଣ ବୟସର ଫୁଲ ଓ ପରିଣତ ବୟସର ଫଳ, କେହି ଯଦି ମର୍ତ୍ତ୍ୟ ଓ ସ୍ୱର୍ଗ ଏକତ୍ର ଦେଖିବାକୁ ଚାହାନ୍ତି, ତେବେ ଶକୁନ୍ତଳାରେ ସେ ତାହା ପାଇବେ ।" (୬) ପ୍ରେମିକ ଦ୍ୱାରା

ପ୍ରତ୍ୟାଖ୍ୟାତ ହୋଇ ଶକୁନ୍ତଳା ଅସୀମ ଧୈର୍ଯ୍ୟ ଓ ଦୃଢ଼ ବିଶ୍ୱାସ ମଧ୍ୟରେ ଯେପରି ନୀରବ ଗମ୍ଭୀର ପ୍ରଶାନ୍ତ ମୂର୍ତ୍ତିରେ ଦଣ୍ଡାୟମାନା, ଅନୁତାପର ଅଶ୍ରୁରେ ବିଗଳିତ ଦୁଷ୍ମନ୍ତ ଯେପରି ପବିତ୍ର ମୂର୍ତ୍ତିରେ ଉଦ୍ଭାସିତ, ତାହା ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଜଗତର ସକଳ ମରମୀ ମଣିଷଙ୍କୁ ସ୍ତବ୍ଧ କରିଛି ।

ଭବଭୂତିଙ୍କ 'ଉତ୍ତର ରାମଚରିତ' ନାଟକରେ ସୀତାଙ୍କ ଆତ୍ମାର ନିର୍ମଳତା, ଦୃଢ଼ତା, ସହନଶୀଳତା ଓ ରାମଙ୍କ କର୍ତ୍ତବ୍ୟନିଷ୍ଠାର ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଜୀବନର କାରୁଣ୍ୟ ମଧ୍ୟରେ ମଣିଷର ପ୍ରେମ ଓ ହୃଦୟବତ୍ତା କିପରି ଜାଜ୍ଜ୍ୱଲ୍ୟମାନ ହୋଇ ରହିପାରେ ସୀତା ଓ ରାମଚନ୍ଦ୍ର ତାହାର ଉଜ୍ଜ୍ୱଳ ଉଦାହରଣ । ଦାମ୍ପତ୍ୟ ପ୍ରଣୟର ଆଦର୍ଶ, ଅପୂର୍ବ କୁଶଳତାର ସହ ଏଠାରେ ପ୍ରଦର୍ଶିତ । ପ୍ରାଚୀନ ଭାରତୀୟ ସାହିତ୍ୟରେ କବି ଭର୍ତ୍ତୃହରିଙ୍କ 'ବୈରାଗ୍ୟ ଶତକ' ଓ 'ନୀତିଶତକ' ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଗ୍ରନ୍ଥ । ନିଜ ଜୀବନର ଅଭିଜ୍ଞତାରୁ ବାହ୍ୟ ସୌନ୍ଦର୍ଯ୍ୟ ପ୍ରତି କ୍ଷଣିକ, ଆକର୍ଷଣ ଓ ପାଣ୍ଡିତ୍ୟଭିମାନ ପରିତ୍ୟାଗ କରି ସ୍ଥାୟୀ ଆନନ୍ଦର ଅନ୍ୱେଷଣରେ ଧ୍ୟାନ ନିବିଷ୍ଟ ହେବାପାଇଁ ସେସବୁ ମଣିଷକୁ ସୁପଥ ନିର୍ଦ୍ଦେଶ କରିଥାନ୍ତି ।

ହୃଦୟର ଅନାବିଳ ଭକ୍ତିଭାବ କବିତାକୁ କିପରି ଅପୂର୍ବ ଜୀବନୀଶକ୍ତି ପ୍ରଦାନ କରେ ତାହାର ପ୍ରତ୍ୟକ୍ଷ ପରିଚୟ ଦେଇଛନ୍ତି ରାମଭକ୍ତ କବି ତୁଳସୀଦାସ । ବ୍ରଜ ଓ ଅବଧି ଭାଷାରେ ସାହିତ୍ୟ ସର୍ଜନା କରୁଥିବା ଏଇ ସ୍ରଷ୍ଟା ମର୍ମେ ମର୍ମେ ଅନୁଭବ କରୁଥିଲେ ଯେ ଭାଷାରେ କିଛି ନାହିଁ, ଅସଲ ବିଷୟ ହେଲା ପ୍ରେମ । ରାମଚରିତ ମାନସରେ ରାମଚନ୍ଦ୍ରଙ୍କ ଜୀବନର ସୌନ୍ଦର୍ଯ୍ୟ ଓ ସୁଷମାକୁ ବିହ୍ୱଳ ପ୍ରାଣରେ ଗାନ କରିଛନ୍ତି ସେ । ଜୀବନର ସକଳ ମଧୁର ଓ କୋମଳ ଗୁଣ ରାମ, ସୀତା, ଲକ୍ଷ୍ମଣ, ଭରତ, ହନୁମାନ ପ୍ରଭୃତି ଚରିତ୍ରରେ ଅତି କମନୀୟ ଭାବରେ ପ୍ରକାଶିତ ହୋଇଛି । ଭାରତର ବିଭିନ୍ନ ପ୍ରଦେଶର ଅଗଣିତ କବି ଲେଖକଙ୍କ କୃତିରେ ମାନବୀୟ ସଦ୍‌ଗୁଣ ସକଳ ଅପୂର୍ବ ଶ୍ରଦ୍ଧାରେ ପୂଜିତ ଓ ଆରାଧିତ । ତାମିଲ୍ କବି ତିରୁଭଲ୍ଲଭରଙ୍କ କାଳଜୟୀ ଗ୍ରନ୍ଥ 'ତିରୁ କୁରାଳ' ଏ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ପ୍ରେମଭାବ, ମଧୁର ଭାଷଣ, କୃତଜ୍ଞତା, ମଧ୍ୟସ୍ଥତା, ସଂଯମଶୀଳତା, ସଦାଚାର, କ୍ଷମାଶୀଳତା, ଅନସୂୟତା, ନିର୍ଲୋଭତା, ପାପଭୀରୁତା, ପରୋପକାର, ଦୟାଳୁତା, ସତ୍ୟଶୀଳତା, ଅହିଂସା, ଉଦ୍ୟମଶୀଳତା, ଧୈର୍ଯ୍ୟଶୀଳତା, ବାକ୍‌ଶୁଦ୍ଧତା, ନିର୍ଭୀକତା ଆଦି ସକଳ ମାନବୀୟ ମହତ୍ତ୍ୱର ମୂଲ୍ୟ ସ୍ଥୂଳ ପାର୍ଥିବ ସଫଳତାଠାରୁ କେତେ ଗରୀୟାନ୍ ତାହା ପ୍ରତିପାଦିତ ହୋଇଛି କୁରାଳର ପ୍ରତିଟି ପଦ ପଂକ୍ତିରେ, ଯାହା ତାମିଲ୍ ବେଦର ମର୍ଯ୍ୟାଦାରେ ଅଭିଷିକ୍ତ । ଅସୂୟା ରହିତ ବ୍ୟକ୍ତିର ମହତ୍ତ୍ୱ ଘୋଷଣା କରି କବି କହନ୍ତି;

"ପରଶ୍ରୀ କାତର ନୁହଇ ଯେ ଜନ ସେହିଟି ଉତ୍ତମ ଜାଣ
ସମସ୍ତଙ୍କୁ ଭଲ ପାଇ ମିତ୍ର ହେବା ଧର୍ମାଚରଣ ସମାନ ।"(୭)

ନାନକଙ୍କ ମହତ୍ମ୍ୟବାଣୀ, କବୀରଙ୍କ ଦୋହା, ସୁରଦାସ ମୀରାବାଈଙ୍କ ଭଜନାବଳୀ ସତ୍ୟ, ଈଶ୍ୱର ଓ ମାନବିକତା ପ୍ରତି ତୀବ୍ର ଆକର୍ଷଣ ସୃଷ୍ଟି କରିବାରେ ସମର୍ଥ । ଲୋଭ, ମୋହ ଅହଙ୍କାରକୁ ଛାଡ଼ି ପାରି ନ ଥିବା ବ୍ୟକ୍ତି ଯେତେ ବିଦ୍ୟା ଆୟକରିଥିଲେ ମଧ୍ୟ ସେସବୁ ଅସାର ବୋଲି ନାନକ ନାନା ଭାବରେ ଚେତାଇ ଦେଇଛନ୍ତି । ସନ୍ଥ କବୀର ଲେଖାପଢ଼ା ଜାଣିନଥିଲେ । କିନ୍ତୁ ପରମ ସତ୍ୟର ଆଲୋକ ତାଙ୍କ ହୃଦୟକୁ ଉଦ୍ଭାସିତ କରିଥିଲା । ସେ ପ୍ରେମମାର୍ଗର ପଥିକ ଥିଲେ । ଥିଲେ ସଦା ପ୍ରସନ୍ନ, ନିଶ୍ଚିନ୍ତ ଓ ନିର୍ଭୀକ । ଶାସ୍ତ୍ର ବର୍ଣ୍ଣିତ ଆଚରଣ ବିଧିକୁ ଅସ୍ୱୀକାର କରିଥିଲେ ଅନ୍ତରର ଆଦେଶ ଦ୍ୱାରା । ବିନୟ ଭାବନାରେ ପରିପୂର୍ଣ୍ଣ ହୋଇଉଠୁଥିଲା ହୃଦୟ ତାଙ୍କର । ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି ଉଠୁଥିଲେ; "ମୁଁ ଜନ୍ମରୁ ଅପରାଧୀ ଓ ମୋର ଆପାଦ ମସ୍ତକ ଦୁର୍ଗୁଣ ପୂରି ରହିଛି । କିନ୍ତୁ ତୁମେ ଦାତା ଓ ଦୁଃଖ ଭଂଜନକାରୀମାନେ ରକ୍ଷା କର ।" (୮) ଭକ୍ତି, ପ୍ରେମ, ବିଶ୍ୱାସ, ସମଦର୍ଶିତା, ବିଜୟ, ଆଶା, ଶୀଳ, କ୍ଷମା, ସନ୍ତୋଷ, ଧୈର୍ଯ୍ୟ, ଦୟା, ବିବେକ, ବିଚାର ଆଦି ବହୁ ମାନବିକ ସଦ୍‌ଗୁଣରେ ମହତ୍ତ୍ୱ ସେ ପ୍ରତିପାଦନ କରିଛନ୍ତି ଓ ତା ସେଙ୍ଗ ସେଙ୍ଗ ଦ୍ୱିଧା, ସନ୍ଦେହ, କୁସଙ୍ଗ, କାମ, କ୍ରୋଧ, ଲୋଭ, ମୋହ, ଅହଂକାର, କପଟ, ତୃଷ୍ଣା, ନିନ୍ଦା, ମାୟା, ମାଦକଦ୍ରବ୍ୟ, କୁବୁଦ୍ଧି ଆଦି ବିବିଧ ମନ୍ଦ ପ୍ରବୃତ୍ତି ମଣିଷକୁ କିପରି ଦିଗଭ୍ରଷ୍ଟ କରେ ତାହାର ସୃଷ୍ଟ ସଂକେତ ପ୍ରଦାନ କରିଛନ୍ତି ।ମୀରାବାଈ କୃଷ୍ଣ ପ୍ରେମରେ ଥିଲେ ପାଗଳିନୀ । ଗିରିଧର ଗୋପାଳଙ୍କ ପ୍ରିୟ ସଂଗିନୀ ହେବା ବ୍ୟତୀତ ପ୍ରାଣରେ ଆଉ କିଛି ଆକାଂକ୍ଷା ନ ଥିଲା ତାଙ୍କର । ସାଂସାରିକ ସୁଖ ଓ ମର୍ଯ୍ୟାଦା ତାଙ୍କୁ ଆକୃଷ୍ଟ କରିପାରିନଥିଲା ।ବିହ୍ୱଳ ଚକ୍ଷୁରେ ଏକ ପ୍ରେମ ପୂଜାରିଣୀ କେବଳ ସମର୍ପଣର ସଂଗୀତ ଗାନ କରିଥିଲେ ଜୀବନସାରା । ଭାରତର ସନ୍ଥମାନେ ଯେଉଁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ମଣିଷକୁ ସକଳ ସ୍ଥୂଳ ସଂପ୍ରଦଠାରୁ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରିନେଇ ସୂକ୍ଷ୍ମଲୋକର ପରମାନନ୍ଦରେ ପହଞ୍ଚାଇ ଦିଏ । ବିଦ୍ୟାପତି, ଚଣ୍ଡୀଦାସ, ରାମପ୍ରସାଦ, ତୁକାରାମ, କମ୍ବନ ପ୍ରଭୃତିଙ୍କ ଅମର କାବ୍ୟ କବିତା ସେଇ ମୁଖ୍ୟ ବିଷୟକୁ କେନ୍ଦ୍ରକରି ଗତିଶୀଳ ଯାହାକୁ କୁହାଯାଏ ଅବିନାଶୀ ଶାଶ୍ୱତ ଚେତନା । ସଇେ ଚତେନାର େମଣିଷର ଜୀବନାସ୍ୱନ ହ୍‌ୋଇଉଠେ ଶ୍ରଦ୍‌ଧାର ପୁଷ୍‌ପର େପରିପୂର୍‌ଣ୍‌ଣ ।

ବିଶ୍ୱକବି ରବୀନ୍ଦ୍ରନାଥ ଭାରତୀୟ ଋଷି ମହର୍ଷି ଓ ସନ୍ଥମାନଙ୍କ ଚେତନା ସହ ଆପଣାକୁ ସଂଯୁକ୍ତ କରି ଦେଇଛନ୍ତି ଅତି ଅନ୍ତରଙ୍ଗ ଭାବରେ । ସେଥିପାଇଁ ତାଙ୍କ ଗୀତର ସ୍ୱରରେ ଶୁଣିହୁଏ ବୈଦିକ ଋଷିର ପ୍ରାଣଝଙ୍କାର । ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ଏହି ଉଦାର ଭାବନାରେ ପରିପୂର୍ଣ୍ଣ ଓ ପ୍ରଭାବଦୀପ୍ତ । ଅହଙ୍କାରର ସକଳ ତାଡ଼ନାରୁ ମୁକ୍ତ ହୋଇ ପରମ ସୁନ୍ଦରଙ୍କ ନିକଟବର୍ତ୍ତୀ ହେବାରେ ସଖୀସୁଲଭ ଆକୁଳତା ତାଙ୍କୁ ଅଧୀର କରି ତୋଳିଛି । ବୈଷ୍ଣବ ସୁଲଭ ଭାବାବେଗ ଦ୍ୱାରା ତାହା ସୃଷ୍ଟି କରିଛି ଏପରି ମଧୁର ମୂର୍ଚ୍ଛନା ଯାହା ଚିରାନନ୍ଦର

ଅଭିବ୍ୟକ୍ତିରେ ରସୋଚ୍ଛଳ । ନୂତନ ନୂତନ ରୂପନେଇ ସେଇ ଚିରସୁନ୍ଦର କରି ପ୍ରାଣକୁ ମୋହାଚ୍ଛନ୍ନ କରିଛନ୍ତି । ସେଇ ପ୍ରେମାଚ୍ଛନ୍ନ ଅଧୀରତାର ଭାଷା ସଂଗୀତ ହୋଇ ହିଁଝରିଆସିଛି କବି କଣ୍ଠରୁ । ମଙ୍ଗଳମୟ ଚେତନା ସହ (୯)ଯୁକ୍ତ ହେବାର ଆକାଂକ୍ଷା କବିଙ୍କ କବିତାରେ କେବଳ ନୁହେଁ, ତାଙ୍କ ଗଦ୍ୟକୃତିରେ ମଧ୍ୟ ତାହା ସୁଲଭ ହୋଇଉଠିଛି । ଗଳ୍ପ ଓ ଉପନ୍ୟାସରେ ମନୁଷ୍ୟର ଭାବାବେଗ ମଙ୍ଗଳର ସ୍ପର୍ଶରେ କିପରି ମହନୀୟ ହୋଇଉଠିଛି ତାହା ଦର୍ଶାଇ ଦିଆଯାଇଛି ଭିନ୍ନ ଭିନ୍ନ ରୀତିରେ ।

ଆଧୁନିକ ଭାରତୀୟ ସାହିତ୍ୟ ସଂପର୍କରେ ଚିନ୍ତା କଲାବେଳେ ମହାକବି ଶ୍ରୀ ଅରବିନ୍ଦଙ୍କ ବିପୁଳ ସାହିତ୍ୟକୃତି ବିଶାଳ ଅନୁଭବରେ ଯେପରି ଋଦ୍ଧିମନ୍ତ ତାହା ବିସ୍ମୟାଭିଭୂତ କରେ ଆଲୋକ ଉନ୍ମୁଖ ପାଠକଙ୍କୁ । ମର୍ତ୍ତ୍ୟକୁ ସ୍ୱର୍ଗରେ ପରିଣତ କରିବା ପାଇଁ, ମଣିଷକୁ ଦିବ୍ୟମାନବରେ ରୂପାନ୍ତରିତ କରିବା ପାଇଁ, ସକଳ ଇତରତାକୁ ମହରତାରେ ପରିବର୍ତ୍ତିତ କରିଦେବାପାଇଁ ସେ ଯେଉଁ ବିସ୍ମୟଜନକ ତପସ୍ୟା କରିଗଲେ ତାର ପଟ୍ଟାନ୍ତର ନାହିଁ । ଅତି ମାନସ ଚେତନାକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ମଣିଷର ଭବିଷ୍ୟତ ସଂପର୍କରେ ଯେଉଁ ସମ୍ଭାବନାମୟ ବାଣୀ ସେ ଉଚ୍ଚାରଣ କରିଯାଇଛନ୍ତି ତାହା ଦିବ୍ୟଜୀବନର ସନ୍ଦେଶ ପ୍ରଦାନ କରିପାରିଛି । 'ସାବିତ୍ରୀ' ମହାକାବ୍ୟ ତାଙ୍କ ମହନୀୟ ଆଧ୍ୟାତ୍ମିକ ଉପଲବ୍ଧିର ସାର୍ଥକ, ପରିପୂର୍ଣ୍ଣ କାବ୍ୟିକ ପ୍ରକାଶ ମାତ୍ର । ତମସାଚ୍ଛନ୍ନ ସକଳପଥ ଅତିକ୍ରମ କରି ମୃତ୍ୟୁର ବିଭୀଷିକାକୁ ପରାଜିତ କରି ଅମରତ୍ୱର ଆଲୋକକୁ ଓହ୍ଲାଇ ଆଣିପାରିଛନ୍ତି ଏଠାରେ ସ୍ୱୟଂ ସାବିତ୍ରୀ । ଏ ଇଂରାଜୀ କାବ୍ୟର ପ୍ରତିଟି ପଦକୁ ଶକ୍ତିଶାଳୀ ମନ୍ତ୍ରର ମର୍ଯ୍ୟାଦା ପ୍ରଦାନ କରାଯାଇଛି; କାରଣ ପାଠକ ମଧ୍ୟରେ ଏହା ଏପରି ସ୍ପନ୍ଦନ ସୃଷ୍ଟିରେ ସକ୍ଷମ ଯାହା ତାକୁ ସମସ୍ତ ଅବିଦ୍ୟାର ଘେରରୁ ମୁକ୍ତ କରି ମହାନ୍ ଜୀବନର ଆକାଙ୍କ୍ଷାରେ ଆକୁଳ କରି ଦେଇପାରେ । ଜରାମୃତ୍ୟୁ, ଅଜ୍ଞାନ, ଦୁଃଖ ଓ ପାପର ବନ୍ଧନରୁ ତାକୁ ଉଦ୍ଧାର କରି ଦିବ୍ୟ ଜୀବନ, ଦିବ୍ୟ ଜ୍ଞାନ ଓ ଦିବ୍ୟ ଆନନ୍ଦର ଅଧିକାର କରାଇ ଦେଇପାରେ । ଏହାର ମୂଳ ବିଷୟବସ୍ତୁ ବ୍ୟାସକୃତ ମହାଭାରତରୁ ଗୃହୀତ । ଶ୍ରୀଅରବିନ୍ଦଙ୍କ ନବଚେତନାର ସଂଯୋଗରେ ଏହା ମାନବୀୟ ଅଭୀପ୍ସାର ଅଗ୍ନିକୁ ନୂତନ ଶୈଳୀରେ ତେଜିଦେବା ପାଇଁ ହୋଇଛି ସମର୍ଥ । ଶ୍ରୀଅରବିନ୍ଦ କଳାକୁ ଚେତନାର ଆତ୍ମ ଅଭିବ୍ୟକ୍ତି ବୋଲି ତେଣୁ ଅଭିହିତ କରିଥିଲେ ।(୧୦)

ସାଧୁ ମଣିଷର କଥା କହୁଁ କହୁଁ ଭାରତୀୟ କବିମାନେ ଅସାଧୁ ମଣିଷର ଲକ୍ଷଣ ମଧ୍ୟ ବର୍ଣ୍ଣନା କରିଛନ୍ତି । ସତ୍ସଂଗ କଥା ବର୍ଣ୍ଣନା କରୁଁ କରୁଁ କୁସଂଗର ପ୍ରଭାବ କେତେ କ୍ଷତିକାରକ ସେ ସଂପର୍କରେ ମଧ୍ୟ ଚେତାବନୀ ଶୁଣାଇଛନ୍ତି । ସନ୍ଥ କବୀର ଠାଏ କହିଛନ୍ତି, "ନୀଳଦାଗ ଲାଗିଗଲେ ତାକୁ ମହଣେ ସାବୁନ ଲଗାଇଲେ ମଧ୍ୟ ଯେପରି ନ ଛାଡ଼େ, ସେହିପରି କୋଟି ଯତ୍ନ କଲେ ମଧ୍ୟ କୁଆ ହଂସ ହୋଇପାରିବ ନାହିଁ ।"(୧୧)

ଅସାଧୁ ମଣିଷ ଯଦି ସାଧୁ ହୋଇପାରିବ ନାହିଁ ତା' ହେଲେ ଏ ସାହିତ୍ୟ କାହା ପାଇଁ? ଏ ପ୍ରଶ୍ନ ଜିଜ୍ଞାସୁ ପାଠକମାନଙ୍କୁ ଆନ୍ଦୋଳିତ କରିବା ସ୍ୱାଭାବିକ । ଦୁଷ୍ଟ ଶିଷ୍ଟ ନିର୍ବିଶେଷରେ ସନ୍ଥକବିମାନେ ପ୍ରତିଟି ଜୀବସତ୍ତା ଭିତରେ ଈଶ୍ୱରଙ୍କୁ ଅନୁଭବ କରିଛନ୍ତି । ଶ୍ରୀ ରାମକୃଷ୍ଣ ପରମହଂସ ତ ଏକ ଗଣିକାକୁ ଦେଖି ମା ଜଗଦମ୍ବାଙ୍କୁ ପ୍ରତ୍ୟକ୍ଷ କରିବାର ଭାବରେ ବିହ୍ୱଳ ହୋଇଯାଇଥିଲେ ଦିନେ । ୟୁରୋପୀୟ ବାଳକଟିଏକୁ ଦେଖି ଶ୍ରୀକୃଷ୍ଣଙ୍କ ମୋହନ ମୂର୍ତ୍ତି ଦେଖିବାର ଅନନ୍ଦ ପ୍ରାପ୍ତ ହୋଇଥିଲେ । ଏସବୁ ଅନୁଭୂତି ମହାପୁରୁଷମାନଙ୍କ ମହାନତାକୁ ଯେପରି ଚିହ୍ନଟ କରେ, ମଣିଷର ଅନ୍ତଃସତ୍ତାର ପବିତ୍ରତାକୁ ସେପରି ପ୍ରମାଣିତ କରିଦିଏ । ମନ୍ଦ ସ୍ୱଭାବସଂପନ୍ନ ମଣିଷର ଆଉ ଭଲ ଗତି ନାହିଁ ବା ସେ ଆଉ ଉଚ୍ଚ ଚରିତ୍ରବତ୍ତାର ଅଧିକାରୀ ହୋଇପାରିବ ନାହିଁ ବୋଲି ଅନେକ କବି ଯାହା ବର୍ଣ୍ଣନା କରିଛନ୍ତି, ତା' ଭିତରେ ମଧ୍ୟ ମାନବ ପ୍ରତି ତାଙ୍କର ଆସ୍ଥାଶୀଳତା ପ୍ରକାଶ ପାଇଛି ଭିନ୍ନ ଶୈଳୀରେ । କାରଣ ମଣିଷର ମହତ୍ତ୍ୱ ପ୍ରତି ବିଶ୍ୱାସ ନ ଥିଲେ, ଅମାନବିକ ଗୁଣ ମଣିଷକୁ କିପରି ଧ୍ୱଂସମୁଖୀ କରେ – ସେ ସଂପର୍କରେ ଏଭଳି ଚେତାବନୀ ସେମାନେ ଦେଇପାରି ନ ଥାନ୍ତେ । ତାମିଲ୍ କବି ତିରୁଭଲ୍ଲଭର 'କୁସଂଗ' କବିତାରେ ସେଥିପାଇଁ କହିଛନ୍ତି;

"ସୁସଙ୍ଗ ଅପେକ୍ଷା ବେଶୀ କେହି ନୁହେଁ ସାଥୀ ଭାବେ ମାନବର
କୁସଙ୍ଗ ଅପେକ୍ଷା ବେଶୀ ହାନିକର କେହି ନୁହଇ ତାହାର ।"(୧୨)

କୁସଙ୍ଗର ପରିଣତି କିପରି ଭୟାବହ ଓ ସୁସଙ୍ଗର ପରିଣତି କିପରି ମଙ୍ଗଳକର ସେ ସଂପର୍କରେ ଭାରତୀୟ କବିମାନେ ଚେତାଇ ଦେଇଛନ୍ତି ଏଇଭଳି ବିଭିନ୍ନ ରୀତିରେ । ଈର୍ଷାଳୁ ବା ଅହଙ୍କାରୀ ମଣିଷ ପ୍ରତି ଭର୍ତ୍ସନା ପ୍ରକାଶ ପାଇଥିଲେ ମଧ୍ୟ - ତା' ଭିତରେ ସୂକ୍ଷ୍ମଭାବେ ଫୁଟିଉଠିଛି ଏକ ଗଭୀର ଆସ୍ଥା ପ୍ରତିଟି ମଣିଷ ଉଦ୍ଦେଶ୍ୟରେ । ଈର୍ଷା ଓ ଅହଙ୍କାରର ମୁଖା ଖୋଲିଗଲେ ମଣିଷ ସୁନ୍ଦର – ଏତିକି ବିଶ୍ୱାସ ଯଦି ସେମାନଙ୍କର ନ ଥାନ୍ତା ତା' ହେଲେ କାହିଁକି ସେମାନେ କ୍ରୋଧାନ୍ୱିତ ହୋଇଥାନ୍ତେ ବା ବିଦ୍ରୁପର ଶରବିଦ୍ଧ କରିଥାନ୍ତେ ବା ଦିଗଦର୍ଶନ ଦେବାର ପ୍ରୟାସ କରିଥାନ୍ତେ? ଖଳ ଲୋକଙ୍କୁ ଆତ୍ମାକୁ ମଧ୍ୟ ଏ ବାଣୀ କେତେବେଳେ ହୁଏ ତ ସ୍ପର୍ଶ କରିପାରେ ଏ ଧାରଣା ନ ଥିଲେ ସେମାନେ କାହିଁକି ଅବା ଲେଖନୀଚାଳନା କରିଥାନ୍ତେ? ଜୀବନ କାହାଦ୍ୱାରା ସୁନ୍ଦର ଓ କାହାଦ୍ୱାରା ଅସୁନ୍ଦର ହୋଇଉଠେ କାହିଁକି ବା ଏତେ ଗମ୍ଭୀରତାର ସହ କହିଥାନ୍ତେ? ମଣିଷ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଆତ୍ମାର ତେଜ କେତେବେଳେ ଫୁଟିଉଠିବ ତାହା ପ୍ରକୃତରେ ସଠିକ ଭାବେ କହିଦେଇ ହେବ ନାହିଁ । ବଡ଼ ଅଦ୍ଭୁତ ଭାବରେ ମଣିଷର ପରିବର୍ତ୍ତନ ଆସେ । ସାହିତ୍ୟସ୍ରଷ୍ଟାମାନେ ଏଇ ମାନବିକତାର ଭାବକୁ ଉଖାରି ଦେବାର ପ୍ରୟାସ କରନ୍ତି । ପାଉଁଶ ଭିତରେ ଥିବା ନିଆଁ ପରି ଦୁଶ୍ଚରିତ୍ର ମଣିଷ ଭିତରେ ବି ଆତ୍ମାର ଅଗ୍ନି ଜଳୁଥାଏ । ଏ ଅଗ୍ନି ଉପରେ କେଉଁ କବିର ବା ବିଶ୍ୱାସ ନାହିଁ ।

ପଣ୍ଡିଚେରୀର ଶ୍ରୀମା ସେଥିପାଇଁ ସବୁ ପ୍ରକାରର ମଣିଷଙ୍କ ଭିତରେ ଈଶ୍ୱରଙ୍କ ପ୍ରେମ ରୂପରେ ପ୍ରଚ୍ଛନ୍ନ ରହିଛନ୍ତି ବୋଲି ବିଶ୍ୱାସ କରୁଥିଲେ ।"(୧୩)

ମଣିଷର ସ୍ୱରୂପ ମହତ୍ । ତା'ର ଅନ୍ତଃସତ୍ତା ସୁନ୍ଦର ଓ ଶିବମୟ । ଏ ବିଶ୍ୱାସ ପ୍ରତିଟି କବିର ଅତ୍ୟନ୍ତ ଗଭୀର । ମାନବ ପ୍ରକୃତି ଭିତରେ ଅପରର ମନ୍ଦ କରିବାର ମନୋଭାବ ରହିଛି ବୋଲି ମହାମନୀଷୀ ବଟ୍ରାଣ୍ଡ ରସେଲ ନିଜ ମନ୍ତବ୍ୟ ପ୍ରକାଶ କରିଥିଲେ ହେଁ ମଣିଷ ପ୍ରତି ନିଜ ବିଶ୍ୱାସର ପରିଚୟ ଦେଇ ପୁଣି କହିଥିଲେ, "ମୋର ମନେହୁଏ ଯେ ମଣିଷ ପ୍ରକୃତିର ମୂଳ ପ୍ରବଣତାଟି ପ୍ରକୃତରେ ଭଲ । ମନ୍ଦ ନୁହେଁ ।"(୧୪)

ମଣିଷର ମନ୍ଦ ପ୍ରବୃତ୍ତିକୁ ଅଙ୍କନ କରିଥିଲେ ମଧ୍ୟ ବହୁ ଉଚ୍ଚସ୍ତରର ସାହିତ୍ୟ ଶିଳ୍ପୀମାନେ ସେଥିପାଇଁ ତା'ର ମୂଳ ଆବେଗର ଶୁଦ୍ଧତା ଉପରେ ଆସ୍ଥାଶୀଳ । ମନ୍ଦ ଚିନ୍ତାକ୍ରାନ୍ତ ମଣିଷର ଅନ୍ତଃସତ୍ତା ଭିତରେ ବି ଶୁଭକାମନା ଅନ୍ୱେଷଣ କରିବା ଶିଳ୍ପୀର ଉଦାରତାର ପରିଚୟ ଭାରତୀୟ କଥା ସାହିତ୍ୟ କ୍ଷେତ୍ରରେ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସମାଳା, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ଭିତରେ ମଣିଷର ମହାନୁଭବ ପ୍ରତିବିମ୍ବିତ ହୋଇଛି । ବଙ୍କିମଚନ୍ଦ୍ରଙ୍କ ଆନନ୍ଦମଠର ଚରିତ୍ର ଗୁଡ଼ିକ ନିଃସ୍ୱାର୍ଥପର ସ୍ୱଦେଶପ୍ରେମୀ, ନିଷ୍କାମକର୍ମୀ, ଆଦର୍ଶ ବିପ୍ଳବୀ । ମାନବ ମନରେ ଗଭୀରତାର ରହସ୍ୟ ଉନ୍ମୋଚନରେ ପାଠକକୁ ସବୁବେଳେ ସ୍ତମ୍ଭିତ କରିଛନ୍ତି ଶରତଚନ୍ଦ୍ର । ମଣିଷର ଅନ୍ତରତମ ସତ୍ତା ଯେ କି ଛଳଛଳ ଓ ସମ୍ବେଦନଶୀଳ ତାହା ତାଙ୍କ ଦେବଦାସ, ବଡ଼ ଦିଦି ଆଦି ଅନେକ ଉପନ୍ୟାସରୁ ଉପଲବ୍ଧି କରିହୁଏ । ହିନ୍ଦୀ ସାହିତ୍ୟରେ ପ୍ରେମଚନ୍ଦ ସେହିପରି ଶକ୍ତିଶାଳୀ ମାନବିକତାକୁ ଜାଗ୍ରତ କରିଛନ୍ତି ତାଙ୍କ କଥା ସାହିତ୍ୟରେ ।

ମହାତ୍ମାଗାନ୍ଧୀ ପ୍ରକୃତ କବି ଓ ସାହିତ୍ୟଶିଳ୍ପୀର ଭୂମିକା ସଂପର୍କରେ ସୂଚାଇ ଦେବାକୁ ଯାଇ ସେଥିପାଇଁ କହିଛନ୍ତି; "ମଣିଷ ହୃଦୟରେ ସୁପ୍ତ ଅବସ୍ଥାରେ ଥିବା ଭଲଗୁଣକୁ ଯେ ଜାଗ୍ରତ କରାଇଦିଏ, ସେଇ ହିଁ ପ୍ରକୃତ କବି ।"(୧୫) ମାନବାତ୍ମାର ସୌନ୍ଦର୍ଯ୍ୟ ସୁପ୍ତ ହୋଇରହିଥାଏ । ତାକୁ ସ୍ୱୀକାର କରିବା ଓ ଜାଗ୍ରତ କରିବା ହିଁ ଶିଳ୍ପୀର କାର୍ଯ୍ୟ । ହୃଦୟ ଭିତରେ ମହର ଚେତନାର ଦୀପ ଜଳାଇ ରଖିବା ଦ୍ୱାରା ଅନ୍ଧକାର ସ୍ୱତଃ ଅପସୃତ ହୁଏ । 'ମୁଁ ସୁନ୍ଦର' – ଏଇ ଆତ୍ମପ୍ରତ୍ୟୟ ମଣିଷ ଭିତରେ ସୃଷ୍ଟି କରିପାରିବା ବଡ଼ କଥା । ଆପଣାର ଉଚ୍ଚତର ଚେତନାର କଥା ଚିନ୍ତା କରୁଥିଲେ ମଣିଷର ଆତ୍ମା ସ୍ୱତଃ ଆଲୋକିତ ହୋଇଉଠେ ଏକ ପରିବୋଧନୀୟ ମୁହୂର୍ତ୍ତରେ । ସ୍ୱାମୀ ବିବେକାନନ୍ଦ ତେଣୁ ଦୃପ୍ତ ସ୍ୱରରେ କହୁଥିଲେ; "ତୁମର ଉଚ୍ଚ ପ୍ରକୃତିର ବିଷୟ ଚିନ୍ତା କର । ହୀନତା ସମ୍ବନ୍ଧରେ କିଛି ଭାବ ନାହିଁ ।"(୧୬)

ମଣିଷର ହୀନତା ଏକ କୁତ୍ସିତ ଖୋଳପା । ତା' ଭିତରେ ଲୁଚି ରହିଥିବା ମଣିଷଟିକୁ ଜାଗ୍ରତ କରିବା ହିଁ କବିର କର୍ମ । ଉଚ୍ଚକୋଟୀର ସାହିତ୍ୟସ୍ରଷ୍ଟା ମାତ୍ରକେ ସେଇ ପବିତ୍ର କର୍ମରେ ନିପୁଣ । ଭାରତୀୟ ସାହିତ୍ୟରେ ମଣିଷ ଜୀବନର ଯେଉଁ ସୌନ୍ଦର୍ଯ୍ୟ ପ୍ରକାଶିତ, ତାହାହିଁ ବାସ୍ତବିକ ମଣିଷର ସତ୍ୟ ପରିଚୟ ।

## ପ୍ରାନ୍ତଟୀକା


[୧] ଦାସ ପ୍ରିୟବ୍ରତ: ଋଗ୍‌ବେଦ ସୌରଭ, ଦ୍ୱିତୀୟ ସଂସ୍କରଣ, ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ, ଭୁବନେଶ୍ୱର-୭, ୧୯୭୭, ପୃ.୧୮୦

[୨] ଶ୍ରୀଅରବିନ୍ଦ, ଭାରତୀୟ ସାହିତ୍ୟ: ଭାରତୀୟ ସଂସ୍କୃତିର ଆଧାର, ଅନୁବାଦ- ଲଳିତ ମୋହନ ଘୋଷ ପ୍ରମୁଖ, ପ୍ରଥମ ମୁଦ୍ରଣ, ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨, ୧୯୭୫, ପୃ.୩୬୭

[୩] ଠାକୁର ରବୀନ୍ଦ୍ରନାଥ, ରାମାୟଣ: ନିବନ୍ଧମାଳା, ଅନୁବାଦ - ଚିନ୍ତାମଣି ବେହେରା, ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର, କଟକ-୨, ୧୯୭୭, ପୃ.୩୫୮

[୪] ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ମହାଭାରତ, ଅନୁବାଦ - ରଘୁନାଥ ମିଶ୍ର, ଦ୍ୱିତୀୟ ମୁଦ୍ରଣ, କଟକ ଷ୍ଟୁଡେ଼ସ୍ ଷ୍ଟୋର, କଟକ-୨, ୧୯୭୫, ପୃ.୪.

[୫] "ମା ବୋଚ ଫରୁସଂ କ୍ୱଚା ପଟିବଦେୟ୍ୟୁ ତଂ ।

ଦୁକ୍‌ଖା ହି ସାରମ୍ଭକଥା ପଟିଦଣ୍ଡା ଫୁସେୟ୍ୟୁ ତଂ ।। ୫ ।।

ମା ବୋଚଃ ପରୁଷଂ କ୍ୱିତ ଉକ୍ତାଃ ପ୍ରତିବଦେୟୁଃ ତ୍ୱାମ୍ ।

ଦୁଃଖା ହିଁସଂରମ୍ଭକଥା ପ୍ରତିଦଣ୍ଡାଃ ସ୍ପୃଶେୟୁଃ ତ୍ୱାମ୍ ।।"

କାହାକୁ କଠୋର କଥା କହିବ ନାହିଁ, କହିଲେ ତୁମକୁ ସେମାନେ ପ୍ରତିବଚନ କହିବେ । କ୍ରୋଧପୂର୍ଣ୍ଣ ବା ଉଦ୍ଧତ କଥା ହେଉଛି ଦୁଃଖଦାୟକ । କହିବା ବଦଳରେ ତୁମକୁ ପ୍ରତିଦଣ୍ଡ ସ୍ପର୍ଶ କରିବ ।

ପ୍ରଧାନ ପ୍ରହ୍ଲାଦ : ଦଣ୍ଡବଗ୍‌ଗୋ ପାଲି ଧର୍ମପଦ, ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ୧୯୭୮, ପୃ.୪୩

[୬] ରବୀନ୍ଦ୍ରନାଥ, ନିବନ୍ଧମାଳା: ଅନୁବାଦ - ଚିନ୍ତାମଣି ବେହେରା, ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର, କଟକ-୨, ୧୯୭୭, ପୃ.୩୬୨

[୭] ତିରୁଭଲ୍ଲଭର:ତିରୁ କୁରାଳ, ଅନୁବାଦ ଗଣନାଥ ଦାସ -, ପ୍ରଥମ ପ୍ରକାଶ, ବିଦ୍ୟାପୁରୀ, କଟକ୨-, ୧୯୯୪, ପୃ୧୭.

[୮] ମେଁ ଅପରାଧୀ ଜନମ କା ନଖ ସିଖ ଭରା ବିକାର

ତୁମ ଦାତା ଦୁଃଖ ଭଂଜନା ମେରୀ କରୋ ସମ୍ହାର ।
କବୀର, କବୀର ବଚନାବଳୀ, ଅନୁବାଦ ବନମାଳୀ ମିଶ୍ର -, ପ୍ରଥମ ସଂସ୍କରଣ, ସାହିତ୍ୟ ଅକାଦେମୀ, ରବୀନ୍ଦ୍ର ଭବନ, ୩୫ ଫିରୋଜଶାହ ରୋର୍ଡ଼, ନୂଆଦିଲ୍ଲୀ – ୧୧୦୦୦୧, ୧୯୮୬, ପୃ୩୯.

[୯] ତୁମି ନବ ନବ ରୂପେ ଏସେ ପ୍ରାନେ
ଏସୋ ଗନ୍ଧେ ବଚନେ ଏସୋ ଗାନେ
ଏସୋ ଅେଙ୍ଗ ପୁଲକମୟ ପରଶେ
ଏସେ ଚିତ୍ତେ ଅମୃତମୟ ହରଷେ ।
ଏସେ ମୁଗ୍ଧ ମୁଦିତ ଦୁ ନୟାନେ
ତୁମି ନବ ନବ ରୂପେ ଏସୋ ପ୍ରାଣେ ।
ଠାକୁର ରବୀନ୍ଦ୍ରନାଥ: ଗୀତାଞ୍ଜଳି, ନୂତନ ସଂସ୍କରଣ, ବିଶ୍ୱଭାରତୀୟ ଗ୍ରନ୍ଥାଳୟ,୨ ବଙ୍କିମ ବନ୍ଦୋପାଧ୍ୟାୟ ଷ୍ଟ୍ରୀଟ୍, କଲିକତା, ୧୩୬୫, ପୃ.୧୨

[୧୦]"Art is not only technique or form of Beauty, not only the discovery or the expression of Beauty – it is a Self-expression of consciousness under the condition of aesthetic vision and a perfect execution."Sarma, V. Srinivasa: Moral values in literature: A History of Indian Literature, First edition, MotilalBanarsidas, 41, U.A. Bungalow Road, New Delhi – 110007, 1981, p.660

[୧୧] ବାଗ ଜୋ ଲାଗା ନୀଲ କା ସୌ ସାବୁନ ଧୋୟ
କୋଟି ଜତନ ପରବୋଧିୟେ କାଗା ହଂସ ନ ହୋୟ ।
କବୀର, କବୀର ବଚନାବଳୀ, ଅନୁବାଦ - ବନମାଳୀ ମିଶ୍ର, ପୃ.୭୭

[୧୨] ତିରୁଭଲ୍ଲଭର: ତିରୁ କୁରାଳ, ଅନୁବାଦ - ଗଣନାଥ ଦାସ, ପ୍ରଥମ ପ୍ରକାଶ, ବିଦ୍ୟାପୁରୀ, କଟକ-୨, ୧୯୯୪, ପୃ.୪୬

[୧୩]"There is nothing in this creation that is absolutely bad and irredeemable. Even the cruelest man has his moment of pity; the vilest has his code of justice. That is because in all creation and in each form in the creation the Divine is there as Love."
Pandit M.P. : Divine Love (I), The Mother of Love, First Edition, Dipti Publication, Sri Aurobindo Ashram, Pondicherry-2, 1969, p.39

[୧୪] ରାୟ ଦିଲୀପ କୁମାର: ବେଟ୍ରାଣ୍ଡ ରସେଲ, ତୀର୍ଥଙ୍କର, ଅନୁବାଦ - ମମତା ଦାସ, ପ୍ରଥମ ପ୍ରକାଶ, ଓଡ଼ିଶା ବୁକ୍ ଷ୍ଟୋର, କଟକ-୨, ୧୯୮୬, ପୃ.୧୦୯

[୧୫] କୃପାଲାନୀ କୃଷ୍ଣା: ଗାନ୍ଧି କଥାମୃତ, ଅନୁବାଦ - ନନ୍ଦିନୀ ଶତପଥୀ, ଦ୍ୱିତୀୟ ମୁଦ୍ରଣ, ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ, ୧୯୮୬, ପୃ.୩୭

[୧୬] ସ୍ୱାମୀ ବିବେକାନନ୍ଦ: ଆତ୍ମା, ଈଶ୍ୱର ଓ ଧର୍ମ - ଧର୍ମ ସମୀକ୍ଷା, ଓଡ଼ିଆ ଅନୁବାଦ, ପ୍ରଥମ ସଂସ୍କରଣ, ରାମକୃଷ୍ଣ ମଠ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୧୯୮୯, ପୃ.୯୪